# Indian Journal of Modern Research and Reviews

**This Journal is a member of the *'Committee on Publication Ethics'***

**Online ISSN:**2584-184X


**Review Paper**

# ଗୋପବନ୍ଧୁଙ୍କ ସାହିତ୍ୟରେ ମୂଲ୍ୟବୋଧର ସନ୍ଧାନ (ପ୍ରସଙ୍ଗ: ନଚିକେତା ଓ ଧର୍ମପଦ)


**ଜ୍ଞାନୀଦେବାଶିଷ ମିଶ୍ର**

ସହକାରୀ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ, ଓଡିଶା, ଭାରତ

**Corresponding Author:** *ଜ୍ଞାନୀଦେବାଶିଷ ମିଶ୍ର


**DOI:** https://doi.org/10.5281/zenodo.20406877


**ସାରାଂଶ**

ଏହି ସନ୍ଦର୍ଭଟି ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସାହିତ୍ୟିକ ଆଦର୍ଶ ତଥା ତାଙ୍କ ରଚିତ 'ନଚିକେତା ଉପାଖ୍ୟାନ' ଓ 'ଧର୍ମପଦ' କାବ୍ୟର ତାତ୍ତ୍ୱିକ ତଥା ସମାନ୍ତରାଳ ବିଶ୍ଳେଷଣ ଉପରେ ଆଧାରିତ। ସତ୍ୟବାଦୀ ଯୁଗର ସାହିତ୍ୟିକମାନେ କିପରି କାବ୍ୟସୃଷ୍ଟିକୁ କେବଳ ମନୋରଞ୍ଜନ ନୁହେଁ, ବରଂ ଜାତୀୟତାବୋଧ, ସମାଜସେବା ଓ ମୂଲ୍ୟବୋଧ ପ୍ରତିଷ୍ଠାର ମାଧ୍ୟମ କରିଥିଲେ, ତାହା ଏଠାରେ ଆଲୋଚିତ। ବ୍ୟକ୍ତିଗତ ସ୍ୱାର୍ଥ ତ୍ୟାଗ କରି ସମୂହ ସ୍ୱାର୍ଥ ପାଇଁ ନିଜକୁ ଉତ୍ସର୍ଗ କରିବାର ଯେଉଁ ଚରମ ଆଦର୍ଶ 'ନଚିକେତା' ଓ 'ଧର୍ମପଦ' ଚରିତ୍ର ମାଧ୍ୟମରେ ପ୍ରତିଫଳିତ, ତାହା କିପରି ଏକ 'ଜାତୀୟ ନାୟକତ୍ୱ' *(Role Model)* ସୃଷ୍ଟି କରିବାର ସଫଳ ପ୍ରୟାସ ଥିଲା, ତାହାର ଗଭୀର ଅନୁଶୀଳନ କରିବା ଏହି ଆଲୋଚନାର ମୁଖ୍ୟ ଉଦ୍ଦେଶ୍ୟ।



**Manuscript Info.**

- **ISSN No:** 2584- 184X
- **Received:** 06-08-2025
- **Accepted:** 26-09-2025
- **Published:** 30-10-2025
- **MRR:3(10):**2025;88-91



- **©2025, All Rights Reserved.**



- **Peer Review Process:** Yes
- **Plagiarism Checked:** Yes

**How To Cite this Article**

ଜ୍ଞାନୀଦେବାଶିଷ ମିଶ୍ର. ଗୋପବନ୍ଧୁଙ୍କ ସାହିତ୍ୟରେ ମୂଲ୍ୟବୋଧର ସନ୍ଧାନ (ପ୍ରସଙ୍ଗ: ନଚିକେତା ଓ ଧର୍ମପଦ). Ind J Mod Res Rev. 2025;3(10):88-91.

**ମୁଖ୍ୟ ଶବ୍ଦ:** ସତ୍ୟବାଦୀ ଯୁଗ, ଗୋପବନ୍ଧୁ ଦାସ, ନଚିକେତା, ଧର୍ମପଦ, ଜାତୀୟତାବୋଧ, ଆତ୍ମୋତ୍ସର୍ଗ, ଜାତୀୟ ନାୟକତ୍ୱ, ମୂଲ୍ୟବୋଧ।


## ପ୍ରସ୍ତାବନ

**ସତ୍ୟବାଦୀର ସ୍ୱର:** ସାହିତ୍ୟ ସାଧନାରେ ସେବାର ମନ୍ତ୍ର

ମନେରଖିବାକୁ ହେବ ସତ୍ୟବାଦୀ କାଳୀନ ସ୍ରଷ୍ଟାମାନେ ପ୍ରଥମେ କର୍ମୀ ଓ ତା'ପରେ ସାହିତ୍ୟିକ। ସମ୍ଭବତଃ ସେମାନଙ୍କ ପୂର୍ବରୁ ଆମ ତଥାକଥିତ ଯୁଗ ବିଭାଜନର କୌଣସି ଗୋଷ୍ଠୀ କର୍ମମୟ ଜୀବନ, ଜାତୀୟତାବୋଧ ଓ ମାନବସେବା ଉପରେ ଏପରି ଗୁରୁତ୍ୱ ଦେଇଥିବା ପରିଲକ୍ଷିତ ହୁଏ ନାହିଁ। ଅବଶ୍ୟ ସାହିତ୍ୟ ରଚନାକୁ ସମାଜରେ ସେବା କହିବା ଭିନ୍ନ ଏକ ପ୍ରସଙ୍ଗ। ମାତ୍ର ଦୀନହୀନ, ଦୁଃଖୀରଙ୍କୀ ତଥା ସାଧାରଣ ଜନଜୀବନ ସହିତ ଏକୀଭୂତ ହୋଇ ଓତପ୍ରୋତ ଭାବେ ଓଡ଼ିଆ ଜୀବନଧାରା ସହିତ ସମନ୍ୱୟପୂର୍ବକ ସତ୍ୟବାଦୀ କାଳୀନ ସ୍ରଷ୍ଟାମାନେ ଯେପରି ଜୀବନ ଅତିବାହିତ କରିଛନ୍ତି, ତାହା ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ସ୍ୱୀକାର କରିବାକୁ ହେବ ଯେ, ଏମାନଙ୍କ କର୍ମମୟ ଜୀବନର ସାଧନା ଓ ସେବାମୂଳକ ମନୋଭାବ ହିଁ ଏମାନଙ୍କ କୃତି ଓ ସାହିତ୍ୟିକ ଆଦର୍ଶବୋଧରେ ପ୍ରତିଫଳିତ। ସେଥିରେ ପୁଣି ସତ୍ୟବାଦୀ ବନବିଦ୍ୟାଳୟର ପ୍ରୟାସ। ବନବିଦ୍ୟାଳୟ କେବଳ ଏକ ଶିକ୍ଷାନୁଷ୍ଠାନ ନଥିଲା, ବରଂ ଥିଲା ମାନସିକ, କାୟିକ, ବାଚିକ ଓ ନୈତିକ ଜୀବନର ଉତ୍କର୍ଷ କେନ୍ଦ୍ର। କୃଷି, ଶିଳ୍ପ ଓ ବିଦ୍ୟା ଅଧ୍ୟୟନର ଏକ୍ତୁଡ଼ିଶାଳ। ପୁନଶ୍ଚ ବନ୍ୟା, ଦୁର୍ଭିକ୍ଷ, ମହାମାରୀ, ଗୃହଦାହ ଭଳି ବିପତ୍ତି ସମୟରେ ଲୋକଙ୍କୁ ସାହାଯ୍ୟ ପହଞ୍ଚାଇବାର ସ୍ୱତଃସ୍ଫୂର୍ତ୍ତ ମାଧ୍ୟମ। ବନବିଦ୍ୟାଳୟର ଛାତ୍ରମାନଙ୍କ ଆଗରେ ଆଦର୍ଶବୋଧ ଓ ଜାତୀୟତାର ପରିଚୟ ଦେବା ସତ୍ୟବାଦୀ ସମୟଖଣ୍ଡର ସ୍ରଷ୍ଟାମାନଙ୍କ ଉଦ୍ଦେଶ୍ୟ ଥିଲା। ସେଇଥିପାଇଁ ସମ୍ଭବତଃ ସେମାନଙ୍କ ରଚନାରେ ନାୟକ-ନାୟିକାଙ୍କ ପ୍ରେମ-ପ୍ରଣୟ ଅପେକ୍ଷା ତ୍ୟାଗ, ତିତିକ୍ଷା, ସେବା ମନୋବୃତ୍ତି ଓ ବଳିଦାନର ପରମ୍ପରା ଅଧିକ। ରାଧାନାଥୀୟ କାବ୍ୟ ସଂରଚନାର ବିଜାତୀୟତା ନେଇ ଯେଉଁ ବିଚାରଧାରାଗତ ସଂଘର୍ଷର ସୂତ୍ରପାତ ହୋଇଥିଲା, ସେଇ ନ୍ୟାୟରେ ବନବିଦ୍ୟାଳୟ ସ୍ରଷ୍ଟାମାନେ



© 2025 ଜ୍ଞାନୀଦେବାଶିଷ ମିଶ୍ର. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ରାଧାନାଥଙ୍କ ସାହିତ୍ୟ ବିପକ୍ଷରେ ଠିଆ ହୋଇଥିଲେ। ମାତ୍ର କେବଳ ବିରୋଧାଚରଣରେ କୌଣସି ମତବାଦର ପ୍ରତିଷ୍ଠା ସମ୍ଭବପର ନୁହେଁ। ମାତ୍ର ପ୍ରତିଷ୍ଠା କାଳରେ ନିଜ ପକ୍ଷ ରଖିବାର ଆବଶ୍ୟକତା ମଧ ଅଛି। ଜାତୀୟତାବୋଧକୁ ସ୍ୱୀକାର କରୁନଥିବା ଆବେଗଗୁଡ଼ିକୁ ଅସ୍ୱୀକାର ପୂର୍ବକ ସତ୍ୟବାଦୀ ସ୍ରଷ୍ଟାମାନେ ଆଗକୁ ବଢ଼ିଛନ୍ତି ସତ, ମାତ୍ର ସେମାନଙ୍କ ରଚନାରେ ଭାରତୀୟ ମୂଲ୍ୟବୋଧ, ଉତ୍କଳୀୟ ସଂସ୍କୃତି ଓ ପରମ୍ପରା, ହିନ୍ଦୁ ଧର୍ମର ସନାତନତ୍ୱ ପ୍ରତିଷ୍ଠା ଜନିତ ଉଦ୍ୟମ, ବ୍ରାହ୍ମଣ୍ୟବାଦମୁକ୍ତ ଏକ ଜାତିପ୍ରଥାବିହୀନ ସମାଜ ବ୍ୟବସ୍ଥାର ପରିକଳ୍ପନା ଭଳି ଆଭିମୁଖ୍ୟ ମଧ ଲକ୍ଷ୍ୟ କରାଯାଏ। ସତେ ଯେପରି ଜୀବନବୋଧର ଏଇ ପ୍ରସଙ୍ଗଗୁଡ଼ିକ ହିଁ ସତ୍ୟବାଦୀ ସ୍ରଷ୍ଟାମାନଙ୍କ ସାହିତ୍ୟିକ ସଂରଚନା ଜରିଆରେ ଓଡ଼ିଆ ସାହିତ୍ୟ ପରିମଣ୍ଡଳକୁ ଆସି ଏକ ସାହିତ୍ୟିକ ମର୍ଯ୍ୟାଦା ପାଇପାରିଛି।

**କାଳଖଣ୍ଡର କଷଟିରେ ସତ୍ୟବାଦୀ ସାହିତ୍ୟ**

ସତ୍ୟବାଦୀ ସମୟଖଣ୍ଡ ପ୍ରାୟତଃ ୧୯୧୦ ଖ୍ରୀଷ୍ଟାବ୍ଦରୁ ୧୯୨୦ (ସ୍ଥଳବିଶେଷରେ ୧୯୨୧ ଖ୍ରୀଷ୍ଟାବ୍ଦ) ପର୍ଯ୍ୟନ୍ତ ପରିବ୍ୟାପ୍ତ। ଏହାକୁ ଏକ ଯୁଗର ମାନ୍ୟତା ପ୍ରଦାନ କ୍ଷେତ୍ରରେ ବୃନ୍ଦାବନ ଆଚାର୍ଯ୍ୟଙ୍କ "ସତ୍ୟବାଦୀ ଯୁଗ" ପୁସ୍ତକ ଏକ ଉଲ୍ଲେଖନୀୟ ପ୍ରୟାସ। ଯେଉଁଠି ଆଲୋଚକ ସତ୍ୟବାଦୀ ସାହିତ୍ୟର ବିକାଶ, ପ୍ରକାଶ ଓ ପରିଣତି ପ୍ରତି ଦୃଷ୍ଟି ଦେଇ ଏହି ଏଗାର – ବାର ବର୍ଷର କାଳଖଣ୍ଡରେ ଦେଖାଦେଇଥିବା ଭାବ ଓ ଇଙ୍ଗିତର ଉଜ୍ଜ୍ୱଳ ସଙ୍କେତ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି।

**କାବ୍ୟର କଳେବର: ବିବିଧ ଛନ୍ଦ ଓ ତତ୍ତ୍ୱର ଅନ୍ୱେଷଣ**

ଗୋପବନ୍ଧୁଙ୍କ ପ୍ରକାଶିତ କବିତାଗ୍ରନ୍ଥ ମଧ୍ୟରେ ରହିଛି 'ଅବକାଶ ଚିନ୍ତା' ଓ 'କାରାକବିତା' ନାମରେ ଦୁଇଟି କବିତା ସଙ୍କଳନ ଏବଂ 'ଗୋମାହାତ୍ମ୍ୟ', 'ବନ୍ଦୀର ଆତ୍ମକଥା', 'ନଚିକେତା ଉପାଖ୍ୟାନ' ଓ 'ଧର୍ମପଦ' ନାମରେ ଚାରୋଟି ଦୀର୍ଘ କବିତା ଗ୍ରନ୍ଥ। ଏହି ଦୀର୍ଘ କବିତା ଗ୍ରନ୍ଥଗୁଡ଼ିକ ଯଥାକ୍ରମେ ଗୁର୍ଜରୀ ବା ଭାଗବତ ବୃତ୍ତ, ନଟବାଣୀବୃତ୍ତ, ମଙ୍ଗଳରାଗ ଓ ବଙ୍ଗଳାଶ୍ରୀ ଛନ୍ଦରେ ରଚିତ। କବିତାବଳୀରେ ସ୍ଥାନିତ କବିତାଗୁଡ଼ିକରେ ଗୋପବନ୍ଧୁଙ୍କ ଦ୍ୱାରା ବିବିଧ ଛନ୍ଦର ପ୍ରୟୋଗ ଏହି ଦୀର୍ଘକବିତା ଗ୍ରନ୍ଥଗୁଡ଼ିକରେ ଦେଖାଯାଏ ନାହିଁ। ବରଂ ଗୋଟିଏଗୋଟିଏ ନିର୍ଦ୍ଦିଷ୍ଟ ଛନ୍ଦ ହିଁ ଏହି ଦୀର୍ଘ କବିତାଗ୍ରନ୍ଥଗୁଡ଼ିକର ଆଧାର ସୂତ୍ର।

୧୮୯୯ ମସିହାରେ ଗୋପବନ୍ଧୁ ରେଭେନ୍ସା କଲେଜରେ ନାମ ଲେଖାନ୍ତି। ଏଇ ବର୍ଷ ତାଙ୍କ ଦ୍ୱାରା ପ୍ରତିଷ୍ଠିତ କର୍ତ୍ତବ୍ୟବୋଧିନୀ ସମିତି ଦ୍ୱାରା ପ୍ରକାଶିତ ହୁଏ 'ଅବକାଶ ଚିନ୍ତା'। ଏହାର ପ୍ରଥମ ସଂସ୍କରଣରେ ମାତ୍ର ନଅଗୋଟି କବିତା ଥିବାବେଳେ ପରବର୍ତ୍ତୀ ପରିବର୍ଦ୍ଧିତ ସଂସ୍କରଣରେ ସର୍ବମୋଟ ଅଣଚାଳିଶ ଗୋଟି କବିତା ଦେଖିବାକୁ ମିଳିଥାଏ।(୧) ଏଥିରେ ଓଡ଼ିଆ ଜନଜୀବନକୁ ପ୍ରଭାବିତ କରିଥିବା ଅନେକ ଚରିତମୂଳକ କବିତା ସମେତ 'କାଠଯୋଡ଼ି', 'କଟକର ପଥରବନ୍ଧ', 'ବାରବାଟୀ ଦୁର୍ଗ', 'ଖଣ୍ଡଗିରି' ଭଳି ଐତିହ୍ୟମୂଳକ ସ୍ଥାନ, 'ଗଞ୍ଜାମ ଜାତୀୟ ସମ୍ମିଳନୀର ପ୍ରୟାସ' ଭଳି ଉଦ୍ୟମ, 'ଲାଳସା', 'କ୍ରୋଧ', 'ରେଭେନ୍ସା କଲେଜରୁ ବିଦାୟ', 'ଛବିଶ ବର୍ଷ ପ୍ରବେଶ' ଭଳି ବ୍ୟକ୍ତିଗତ ଚିନ୍ତା ଚେତନାମୂଳକ କବିତା ଦେଖିବାକୁ ମିଳେ।

ଏକୋଇଶ ସର୍ଗବିଶିଷ୍ଟ 'ଗୋ ମାହାତ୍ମ୍ୟ' ପ୍ରକାଶପାଏ ୧୯୨୨ ଖ୍ରୀଷ୍ଟାବ୍ଦରେ। ଗୋସେବା ଭଳି ପ୍ରେରଣା ପ୍ରଦାନଧର୍ମୀ ଆଭିମୁଖ୍ୟ ଓ ଗୋଜାତି ପ୍ରୀତି ଏହି ସଙ୍କଳନର ଉଦ୍ଦେଶ୍ୟ। ଅବଶ୍ୟ ଏହି ସର୍ଗଗୁଡ଼ିକ ମଧ୍ୟରୁ ପ୍ରଥମ ଚାରୋଟି ଓ ଶେଷୋକ୍ତ ତିନୋଟି ଅଧ୍ୟାୟ ଗୋପବନ୍ଧୁଙ୍କ ମୌଳିକ ରଚନା ହୋଇଥିଲେ ହେଁ ମଧ୍ୟବର୍ତ୍ତୀ ଅଧ୍ୟାୟଗୁଡ଼ିକ ନିମନ୍ତେ ସଂସ୍କୃତ ମହାଭାରତର ଅନୁଶାସନ ପର୍ବରୁ କବି ଉପାଦାନ ସଂଗ୍ରହ କରିଥିବା କଥା ସଙ୍କଳନସ୍ଥ ସ୍ୱୀକାରୋକ୍ତିରୁ ଜଣାପଡ଼େ। ମହାଭାରତର ଘଟଣାଗତ କ୍ରମିକତା ଅପେକ୍ଷା ଗୋମାହାତ୍ମ୍ୟର ଉଦ୍ଦେଶ୍ୟ ଉପସ୍ଥାପନ ନିମନ୍ତେ ବିଷୟ ସଜ୍ଜୀକରଣର ଭିନ୍ନତା ମଧ ଏହି କାବ୍ୟ ପ୍ରୟାସରୁ ଜଣାପଡ଼େ। କଠୋପନିଷଦ୍‌ର ଗଳ୍ପର ଆଧାର କ୍ରମରେ ରଚିତ "ବ୍ରହ୍ମତତ୍ତ୍ୱ ବା ନଚିକେତା ଉପାଖ୍ୟାନ"ରେ ନଚିକେତା ଚରିତ୍ର ଜରିଆରେ ଗୋପବନ୍ଧୁଙ୍କର ତତ୍ତ୍ୱଦର୍ଶୀ ଆଭିମୁଖ୍ୟର ସରଳୀକରଣର ପ୍ରୟାସ ଲକ୍ଷ୍ୟ କରାଯାଏ। ଦୁଇ ଅଧ୍ୟାୟ ବିଶିଷ୍ଟ ଏହି କବିତାଗ୍ରନ୍ଥରେ ନଚିକେତା ଚରିତ୍ର ତ୍ୟାଗମୟ ଜୀବନର ମୂଲ୍ୟବୋଧ ଓ ଆଦର୍ଶକୁ କବି ଗୁରୁତ୍ୱପ୍ରଦାନ କରିଛନ୍ତି। ଗୋପବନ୍ଧୁଙ୍କ ହଜାରୀବାଗ୍ ଜେଲ୍ ରହଣିଜନିତ ସ୍ମୃତି ଓ ଜାତିପ୍ରୀତିର ନିଦର୍ଶନ ହେଉଛି 'କାରାକବିତା' ଓ 'ବନ୍ଦୀର ଆତ୍ମକଥା'। 'କାରାକବିତା'ରେ ଅଛି ତେରଗୋଟି କବିତା ଓ 'ବନ୍ଦୀର ଆତ୍ମକଥା' ୧୯୩ ପଦ ବିଶିଷ୍ଟ ରଚନା।

**ଅଶ୍ରୁ ଓ ଆଶ୍ୱାସନା: ଶୋକରୁ ଶ୍ଲୋକର ଯାତ୍ରା**

ଗୋପବନ୍ଧୁଙ୍କ କାବ୍ୟ ସର୍ଜନାରେ ଜାତୀୟତାବୋଧର ସ୍ୱରୂପ ଦର୍ଶାଇବାକୁ ଯାଇ ସମାଲୋଚକ କବି ଗୋପବନ୍ଧୁଙ୍କ ସ୍ୱରୂପର ତ୍ରିବିଧା ସ୍ତର କଥା କୁହନ୍ତି। (କ) ଇତିହାସ, କିମ୍ବଦନ୍ତୀ ଓ ଜନଶ୍ରୁତି ମାଧ୍ୟମରେ ଅତୀତ ଗୌରବର ଉଦ୍‌ବୋଧନ, ବର୍ତ୍ତମାନର ଅଧଃପତନର ଖେଦ, ଭବିଷ୍ୟତ ପ୍ରତି ଗଠନ ମୂଳକ ଦୃଷ୍ଟି (ଖ) ଉତ୍କଳୀୟ, ଭାରତୀୟ ପ୍ରେମ ସହ ବିଶ୍ୱପ୍ରେମ ଓ ଆତ୍ମତ୍ୟାଗର ଆହ୍ୱାନ (ଗ) ଅତୀତର ଗୁଣୀଜନ ଓ ବୀରମାନଙ୍କ ପ୍ରତି ଭକ୍ତି ଅର୍ଘ୍ୟ ଅର୍ପଣ।(୨) ଆଲୋଚ୍ୟ 'ଧର୍ମପଦ' ସମ୍ପୂର୍ଣ୍ଣତଃ କିମ୍ବଦନ୍ତୀ ଆଧାରିତ ଏକ ସାହିତ୍ୟିକ ସଂରଚନା, ଯେଉଁଥିରେ ସମନ୍ୱିତ ହୋଇଅଛି, ଉତ୍କଳୀୟତା, ଐତିହ୍ୟ ଓ ଆତ୍ମତ୍ୟାଗର ଉଜ୍ଜ୍ୱଳ ପରମ୍ପରା।

ଗୋପବନ୍ଧୁଙ୍କ କବିତାରେ ଆବେଗ ପ୍ରବଣତା ଓ ଜାତୀୟତାବୋଧର ସ୍ୱର ଅତ୍ୟନ୍ତ ତୀବ୍ର। ଯଦିଓ କର୍ମମୟ ଜୀବନଜଞ୍ଜାଳର ଅନ୍ତରାଳରେ ତାଙ୍କ କାବ୍ୟନିର୍ମାଣ ଜନିତ ପ୍ରୟାସ ସୀମିତ, ତେବେ ମଧ କାବ୍ୟ କବିତା ଯେ ଭାବାଭିବ୍ୟକ୍ତିର କେବଳ ଏକ ମାଧ୍ୟମ- ଗୋପବନ୍ଧୁଙ୍କର ଏଥିରେ ବିଶ୍ୱାସ ଥିଲା ଭଳି ମନେହୁଏ ନାହିଁ। ସେଇଥିପାଇଁ ତ ତାଙ୍କର କାବ୍ୟ ପ୍ରୟାସରେ ମଧ ତାଙ୍କ କର୍ମମୟ ଜୀବନ, ଆଶାସୂଚକ ଦୃଷ୍ଟିଭଙ୍ଗୀ, ଜୀବନଉତ୍ତରଣ ଜନିତ ମୂଲ୍ୟବୋଧର ପ୍ରଭାବ ଅତ୍ୟନ୍ତ ସ୍ପଷ୍ଟ। ଆହୁରି ମଧ ତାଙ୍କ କାବ୍ୟକବିତା ରଚନାର ସମୟସରଣୀ ଲକ୍ଷ୍ୟକଲେ ଜଣାଯାଏ ଯେ, ଯେତେବେଳେ ସେ କର୍ମମୟ ଜୀବନରୁ ବିରତ ହୋଇଛନ୍ତି ବା ପରିସ୍ଥିତି ଚକ୍ରରେ ବିରତ ହେବାକୁ ବାଧ୍ୟ ହୋଇଛନ୍ତି (ଉଦାହରଣ ଭାବେ ତାଙ୍କ କାରାବରଣ ପର୍ଯ୍ୟାୟକୁ ନିଆଯାଇପାରେ), ସେତେବେଳେ ତାଙ୍କ କାବ୍ୟଦୃଷ୍ଟିର ପରିସର ଅଧିକ ପରିବ୍ୟାପ୍ତ ଓ ଅନ୍ତର୍ଭେଦୀ ହୋଇଅଛି।

ମାତୃସ୍ନେହରୁ ବଞ୍ଚିତ ଶୈଶବ, ପତ୍ନୀ ଓ ସନ୍ତାନର ମୃତ୍ୟୁରେ ଶୋକସନ୍ତପ୍ତ ଯୌବନ ଭଳି ଦୁଃସ୍ଥିତି କାଳରେ ଜାତି ଓ ଦେଶ କର୍ମ ହିଁ ଗୋପବନ୍ଧୁଙ୍କ ଜୀବନ ବଞ୍ଚିବାର ବାହାନା। ସେଥିରେ ପୁଣି ବନବିଦ୍ୟାଳୟ ସ୍ଥାପନ କାଳରେ ନାନାଦି ଶରବ୍ୟ, ସମାଲୋଚନା ଓ ବିଘ୍ନ। କେଉଁଠି ନା କେଉଁଠି ମୃତ୍ୟୁ, ନିଃସଙ୍ଗତାବୋଧ ଓ ବିଷାଦବାଦ ଗୋପବନ୍ଧୁଙ୍କ ହୃଦୟର ଅନ୍ତରାଳରେ ଲୁଚି ରହିଥିଲା। ଅଥଚ ସେସବୁକୁ ଯଥାସମ୍ଭବ ମାର୍ଜିତ ଓ ଉତ୍ତରଣ ସହକାରେ ସେ କରିପାରିଛନ୍ତି କବିତାର ପ୍ରାଣଶକ୍ତି। ସ୍ୱଦେଶ ଚିନ୍ତା ତାଙ୍କ ପ୍ରାଣରେ ସମ୍ଭାବନାର ବହ୍ନିଶିଖା ହୋଇ ଜଳିଉଠିଛି। ଉତ୍କଳର କ୍ରମକ୍ଷୟିଷ୍ଣୁ ସଭ୍ୟତା, ସଂସ୍କୃତି ଓ ମୂଲ୍ୟବୋଧ ତାଙ୍କୁ ଆଘାତ ଦେଇଛି। ଆଧ୍ୟାତ୍ମିକତା ତାଙ୍କ ପ୍ରାଣର ଇନ୍ଧନ ତୁଲ୍ୟ କାମ କରିଛି।

**ତ୍ୟାଗ ଓ ଜାତୀୟତାର ନାୟକତ୍ୱ**

ସମାଲୋଚକ କୁହନ୍ତି, "ଗୋପବନ୍ଧୁଙ୍କର ସାହିତ୍ୟ ତାଙ୍କର ଜନସେବା ଓ ଈଶ୍ୱରପ୍ରାଣତାର ସୃଜନାତ୍ମକ ଅଭିବ୍ୟକ୍ତ ମାତ୍ର। ଜନସେବାର ଆନ୍ତରିକତା, ଧର୍ମବିଶ୍ୱାସର ନିଷ୍ଠାପରତା ଓ ଦେଶପ୍ରୀତିର ଐକାନ୍ତିକତାର ଅପୂର୍ବ ସମନ୍ୱୟରେ ଗଢ଼ିଉଠିଥିଲା ତାଙ୍କର ସାହିତ୍ୟ ସୃଷ୍ଟି।" (୩) ମାତ୍ର ଏହା ସହିତ ଗୋପବନ୍ଧୁଙ୍କ ସାହିତ୍ୟ ସୃଷ୍ଟି ଅନ୍ତରାଳରେ ଆଉ ଗୋଟିଏ


© 2025 ଜ୍ଞାନୀଦେବାଶିଷ ମିଶ୍ର. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ଉଦ୍ଦେଶ୍ୟ ମଧ୍ୟ ଥିଲା। ତାହା ହେଉଛି ଜାତୀୟ ନାୟକତ୍ୱର ପ୍ରତିଷ୍ଠା। ଯାହାକୁ ଆମେ Role Model ବା ଆଦର୍ଶସ୍ଥାନୀୟ ନାୟକତ୍ୱର ନବନ୍ୟାସ ବୋଲି କହିପାରିବା। ସେମିତି ଜଣେ କେହିଙ୍କୁ ତିଆରିବାର ମନନେଇ ସେ ହୁଏତ ନଚିକେତା ବା ଧର୍ମପଦ ଭଳି ଚରିତ୍ରଙ୍କୁ ସାମ୍ନାକୁ ଆଣିଛନ୍ତି, ଯେଉଁମାନେ ଜୀବନର ତ୍ୟାଗର ମୂଲ୍ୟ ବୁଝନ୍ତି। ଯେଉଁମାନେ ଜୀବନ ଓ ଆୟୁଷର ସୀମିତତାକୁ ଅତିକ୍ରମ କରିଯାଇଛନ୍ତି ଓ ବ୍ୟକ୍ତିଗତ ସ୍ୱାର୍ଥବଦଳରେ ସମୂହ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଜୀବନ ଜିଇଁଛନ୍ତି। ଏପରିକି ସମୂହ ସ୍ୱାର୍ଥ ସକାଶେ ବ୍ୟକ୍ତିଗତ ଜୀବନର ଅକାତର, ଅଯାଚିତ ଦାନର ଉଦାହରଣ ତିଆରି କରିଛନ୍ତି। ତେଣୁ କୁହାଯାଇପାରେ ଗୋପବନ୍ଧୁ ସେଇସବୁ ଆଭିମୁଖ୍ୟ ନେଇ ଜାତୀୟ ଚରିତ୍ର ଓ ଜାତୀୟ ବ୍ୟକ୍ତିତ୍ୱ ନିର୍ମାଣ କ୍ଷେତ୍ରରେ ଆଗକୁ ବଢ଼ିଛନ୍ତି। "ସେ ଯେଉଁ ସ୍ୱାଧୀନ ଓ ସମୃଦ୍ଧ ଭାରତର ସ୍ୱପ୍ନ ଦେଖିଥିଲେ, ତାହା ତ୍ୟାଗ ଓ ଆତ୍ମାହୂତିର ପବିତ୍ର ପୀଠ ଉପରେ ଆଧାରିତ ଥିଲା। ସେ କ୍ଷେତ୍ରରେ ବ୍ୟକ୍ତିଗତ ସ୍ୱାର୍ଥ, ଗୋଷ୍ଠୀଗତ ଭାବ, ଆଞ୍ଚଳିକତାର ସ୍ଥାନ ନ ଥିଲା। ଜାତୀୟ ମହାସ୍ରୋତରେ ସାମିଲ୍ ହୋଇ ସତ୍ୟ ଓ ଶିବର ପନ୍ଥାନୁସରଣ କରି ଦେଶ ପାଇଁ ସ୍ୱରାଜ ଆଣିବା ନିମନ୍ତେ ସେ ତାଙ୍କର ସମଗ୍ର ଜୀବନକୁ ଉତ୍ସର୍ଗ କରିଥିଲେ"।(୪) ସେଇଥିପାଇଁ ସମ୍ଭବତଃ ଗୋପବନ୍ଧୁ ହିଁ ଲେଖିପାରିଛନ୍ତି ନିଜର ମାଂସହାଡ଼ରେ ସ୍ୱରାଜପଥର ଗାଡ଼ଗୁଡ଼ିକ ପୂର୍ଣ୍ଣହେଉ ବୋଲି। ଦେଶବାସୀଙ୍କ ଚଲାବାଟ ତିଆରି ପାଇଁ ତାଙ୍କ ଦେହ ମଧ୍ୟ ମାଟିରେ ମିଶିଯାଉ ବୋଲି। ବଳିଦାନର ଏ ପଙ୍କ୍ତି ଭିତରେ ବି କୋଉଠି ନା କୋଉଠି ଧର୍ମପଦ କିମ୍ବା ନଚିକେତାଟିଏ ଦିଶୁନାହିଁ କି?

### କିମ୍ବଦନ୍ତୀର କୁହୁକ ଓ ବଳିଦାନର ବେଦୀ

'ଧର୍ମପଦ'ର ମୁଖବନ୍ଧରେ ସୁଲିଖିତ ଭୂମିକାରେ ଗୋପବନ୍ଧୁ କୁହନ୍ତି, "ବନ୍ଦୀଶାଳର ନିର୍ଜନ ପ୍ରକୋଷ୍ଠରେ ଏକ ସନ୍ଧ୍ୟାରୁ ତହିଁ ଆର ଦିନ ସକାଳ ପର୍ଯ୍ୟନ୍ତ ଏକାକୀ ଆବଦ୍ଧ ହୋଇ ଅନେକ ସମୟରେ ଉନ୍ନିଦ୍ରାବସ୍ଥାରେ ଯେ ସବୁ ଚିନ୍ତା ମନକୁ ଆସୁଥିଲା, 'ଧର୍ମପଦ' ତହିଁରୁ ଅନ୍ୟତମ। ଦେଶ ଓ ଦଶ ନିମନ୍ତେ ଆତ୍ମୋତ୍ସର୍ଗରେ କି ସୁଖ ଓ ଗୌରବ ଅଛି, ଉତ୍କଳର ଚିରକଥିତ ଏ କିମ୍ବଦନ୍ତୀରେ କି ତାହା ସୁସ୍ପଷ୍ଟ ବିବୃତ ହୋଇଅଛି, ଯଦ୍ୱାରା ସର୍ବାଧିକ ସଂଖ୍ୟକ ଲୋକଙ୍କର ସର୍ବାଧିକ ପରିମାଣରେ ହିତ ହୁଏ, ତାହା ହିଁ ମାନବର କର୍ତ୍ତବ୍ୟ। ନୀତିଶାସ୍ତ୍ରର ଏହି ତତ୍ତ୍ୱ ପ୍ରକାଶ କରିବାର ପ୍ରୟୋଜନ ସ୍ଥଳେ, "ବାରଶହ ବଢ଼େଇରେ ଦାୟ କି ପୁଅରେ ଦାୟ'" – ଏ କଥା ଓଡ଼ିଶାର ଜନସାଧାରଣ ବ୍ୟବହାର କରିଥାନ୍ତି; ମାତ୍ର ଏଡ଼େ ସୁନ୍ଦର କିମ୍ବଦନ୍ତୀର ଆଖ୍ୟାନ ଉତ୍କଳ ସାହିତ୍ୟରେ କୌଣସିଠାରେ ଏ ପର୍ଯ୍ୟନ୍ତ ବର୍ଣ୍ଣିତ ହୋଇନାହିଁ"(୫) ଭୂମିକାରେ ମଧ୍ୟ ଗୋପବନ୍ଧୁ ଏହି କିମ୍ବଦନ୍ତୀରେ ଲୁଚିରହିଥିବା ତ୍ୟାଗ, ବଳିଦାନର ପରମ୍ପରା କଥା ସୂଚାଇଛନ୍ତି। ମାନବ ସମାଜରେ ଥିବା କେତେକ ବ୍ୟକ୍ତି ବିଶେଷଙ୍କ ନିକଟରେ ଧର୍ମପଦ ପରି ଅଦ୍ଭୁତ ଶକ୍ତି ଓ ପ୍ରତିଭା ଥିବା ଦେଖାଯାଏ ବୋଲି କହିବା ସହ ଏଇ ପରମ୍ପରାରେ ଧ୍ରୁବ, ପ୍ରହ୍ଲାଦ, ଏକଲବ୍ୟ, ଶୁକ, ଅଭିମନ୍ୟୁଙ୍କ ଭଳି ପୌରାଣିକ ଚରିତ୍ର ଓ ଶଙ୍କରାଚାର୍ଯ୍ୟ, ବାଦଲଙ୍କ ଭଳି ଐତିହାସିକ ଚରିତ୍ରର ମହନୀୟତାକୁ ଶ୍ରଦ୍ଧାସହ ମନେପକେଇଛନ୍ତି। 'ଧର୍ମପଦ'କୁ ଉପନ୍ୟାସ କରିବାର ମୋହ ଥିଲେ ମଧ୍ୟ ସମୟ ଓ ଧୈର୍ଯ୍ୟର ଅଭାବରୁ ଏହାକୁ କାବ୍ୟ ଆକାରରେ ଲେଖିବା କଥା କହିଛନ୍ତି। କାବ୍ୟକଳାର କୁଟିଳତା ବା ଶିଳ୍ପର ସୌକୁମାର୍ଯ୍ୟ ଅପେକ୍ଷା କିମ୍ବଦନ୍ତୀର କାବ୍ୟାୟନ ହିଁ ଗୁରୁତ୍ୱ ପାଇଛି ବୋଲି ସ୍ୱୀକାରିଛନ୍ତି ଏବଂ ଶେଷଧାଡ଼ିରେ 'ଧର୍ମପଦ' ପଢ଼ିବା ଦ୍ୱାରା ଉତ୍କଳବାସୀ ନିଜ ଜାତୀୟ ଗୌରବରେ କ୍ଷଣିକ ପାଇଁ ଅନୁପ୍ରାଣିତ ହେଲେ କବିପ୍ରାଣ ପୁଲକ ପାଇବ ବୋଲି କହି ବକ୍ତବ୍ୟ ସାରିଛନ୍ତି।

କୋଣାର୍କ ମନ୍ଦିର ଗଢ଼ଣ ସହ ଜଡ଼ିତ କିମ୍ବଦନ୍ତୀ ହିଁ ଗୋପବନ୍ଧୁ କାବ୍ୟ ପ୍ରୟାସର ମୂଳପିଣ୍ଡ। ରାତି ପାହିଲେ ମନ୍ଦିର ସମ୍ପୂର୍ଣ୍ଣ କରିବାକୁ ରାଜାଙ୍କ ଆଦେଶ। ଅଥଚ ଶିଳ୍ପୀକୁଳ ବିଫଳ। ବାରମ୍ବାର ପ୍ରୟାସ ପରର ବିଫଳତାରେ ହତାଶାର ଛାଇ ପ୍ରସରିଯାଇଛି ଶିଳ୍ପୀଗଣ ଓ ମୁଖ୍ୟ ସୂତ୍ରଧର ବିଶୁମହାରଣାଙ୍କ ମୁହଁରେ। ଏମିତି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଧର୍ମପଦର ଉପସ୍ଥିତି। ସମସ୍ତ ଆଶଙ୍କାକୁ ପ୍ରତିହତ କରି ମନ୍ଦିରର ଦଧିନଉତି ନିର୍ମାଣରେ ସଫଳ ହେଉଛି ଧର୍ମପଦ। ଶିଳ୍ପୀକୁଳ ମୁହଁରେ ଆଶା ଓ ସମ୍ଭାବନାର ସ୍ମିତହାସ୍ୟ। କିନ୍ତୁ ପରମୁହୂର୍ତ୍ତରେ ପୁଣି ଗୋଟିଏ ନୂତନ ଆଶଙ୍କା। ରାଜା ଯଦି ଏ କଥା ଜାଣନ୍ତି, ତେବେ ଶିଳ୍ପୀମାନଙ୍କର ଭବିଷ୍ୟତ କ'ଣ ହେବ! କିମ୍ବଦନ୍ତୀଟିର ପରିସମାପ୍ତି ଘଟୁଛି ଧର୍ମପଦର ତ୍ୟାଗ ଓ ଜୀବନ ଦାନ ସହ।

'ଧର୍ମପଦ'ର ଭୂମିକାରେ କବିଙ୍କର ବକ୍ତବ୍ୟ ଓ କାବ୍ୟବିଷୟର ଅବତାରଣା ଦୃଷ୍ଟିରୁ ବିଚାର କଲେ ଧର୍ମପଦ ଏକ ଆଦର୍ଶ ଓ ମୂଲ୍ୟବୋଧର ଜୀବନ୍ତ ପ୍ରତୀକ ଭାବେ ପ୍ରତିଭାତ ହୁଏ। କବିଙ୍କର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ମଧ୍ୟ ତାହା ହିଁ। ସମୟର ଆବଶ୍ୟକତା ଦୃଷ୍ଟିରୁ ଏପରି ଉଦ୍ଦେଶ୍ୟ ପଛର କାରଣ ଅନୁମାନ କରାଯାଇପାରେ। ଗୋଟେ ପଟେ ଜାତୀୟତାବୋଧର ଉନ୍ମେଷ ଜନିତ ପ୍ରୟାସ ଓ ଅନ୍ୟ ଦିଗରେ ବକୁଳ ଛୁରୀଅନାର ସବୁଜ ଅରଣ୍ୟ ଭିତରେ ତରୁଣ ପିଢ଼ିର ଆଶା ଓ ଆସ୍ଥାରୂପେ ଧର୍ମପଦ ଭିନ୍ନ ଆଉ କିଏ ବା ଆତ୍ମୋତ୍ସର୍ଗର ନାନ୍ଦୀଗାନ କରିପାରନ୍ତା! 'ଗୋ ମାହାତ୍ମ୍ୟ'ର ନଚିକେତା ମଧ୍ୟ ସାଂସାରିକ ସୁଖଭୋଗର ପ୍ରଲୋଭନକୁ ଅସ୍ୱୀକାର ପୂର୍ବକ ଯେଉଁ ଅସୀମିତ ଯାତ୍ରାପଥରେ ବ୍ରହ୍ମଜ୍ଞାନର ଅନୁସନ୍ଧିତ୍ସା ନେଇ ଅଗ୍ରସର ହୋଇଛି, ସେଠି ମଧ୍ୟ ଦିଶୁଛି ତ୍ୟାଗ, ଜିଜ୍ଞାସାବୋଧ ଓ ଅପର ପାଇଁ ଆପଣାକୁ ତିଳତିଳ କରି ଜାଳିଦେବାର ପ୍ରୟାସ। ଅବଶ୍ୟ ନଚିକେତା ଉପାଖ୍ୟାନରେ ଗୋ ଜାତି ପାଇଁ ମମତ୍ୱ ଅନ୍ୟ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଭାବେ ଆଲୋଚନାର ପରିସର ସୃଷ୍ଟିକରେ।

### ଐତିହ୍ୟର ଓଁକାର: ଜାତୀୟତାର ଶାଶ୍ୱତ ଶିଖା

"ଆନ୍ତର୍ଜାତିକତା, ମହାଜାତୀୟତା ତଥା ନିଜର ଜନ୍ମଭୂମି ଉତ୍କଳ ପ୍ରତି ମମତା-ଏ ତିନି ଭାବଧାରାର ପ୍ରାକୃତିକ ତ୍ରିବେଣୀ ସଙ୍ଗମରେ ଶୁଦ୍ଧପୂତ ବ୍ୟକ୍ତିତ୍ୱ ଗୋପବନ୍ଧୁଙ୍କ ସହ କ୍ୱଚିତ୍ କେହି ତୁଳନୀୟ ହୋଇଅଛନ୍ତି। ସ୍ୱରାଜ୍ୟର ଆଦର୍ଶ ଏକ ଆନ୍ତର୍ଜାତିକ ଆଦର୍ଶ। କୌଣସି ଦେଶ ସକାଶେ ତାହା ଅପ୍ରଯୁଜ୍ୟ ନୁହେଁ। କିନ୍ତୁ ଜାତୀୟ ନେତା ତାକୁ ହିଁ ବୁଝାଏ ଯେ ନିଜର ପରମ୍ପରା ଓ ଐତିହ୍ୟ ସହିତ ଯେ କୌଣସି ଆନ୍ତର୍ଜାତିକ ଭାବଧାରାର ସାବଲୀଳ ସାମଞ୍ଜସ୍ୟ ବିଧାନ କରିପାରେ। ଗୋପବନ୍ଧୁ ତାହାହିଁ କରିଛନ୍ତି।''(୬) ମନୋଜ ଦାସଙ୍କ ଏଇ ବକ୍ତବ୍ୟ ମଧ୍ୟ ଗୋପବନ୍ଧୁ ସାହିତ୍ୟଧାରାର ସ୍ୱାତନ୍ତ୍ର୍ୟ ଓ ଅଭିନବତ୍ୱ ସ୍ୱୀକାର କରେ। ବିଶେଷତଃ 'ଧର୍ମପଦ' ଭଳି ଜାତୀୟ ନାୟକ ଗଢ଼ଣର ପ୍ରସଙ୍ଗ ଉଠିଲେ ଗୋପବନ୍ଧୁଙ୍କ ଉଦ୍ୟମ ଉଲ୍ଲେଖନୀୟ ମନେହୁଏ। ମନେହୁଏ ମଧ୍ୟ ସମ୍ଭବତଃ ଏଇ ଉଦ୍ୟମର ଭିତ୍ତିରେ ହିଁ ପରବର୍ତ୍ତୀ ସମୟରେ ସଚ୍ଚିଦାନନ୍ଦ ରାଉତରାୟଙ୍କ "ବାଜିରାଉତ'ର ସଂରଚନା ପ୍ରତିଷ୍ଠା ଲାଭ କରିଛି। ଯଦିଓ ବାଜିରାଉତ ପ୍ରସଙ୍ଗ କିମ୍ବଦନ୍ତୀ ଆଧାରିତ ନୁହେଁ, ତେବେ ମଧ୍ୟ ନାୟକତ୍ୱର ପ୍ରତିଷ୍ଠା ଉଦ୍ଦେଶ୍ୟରେ ରଚିତ କାବ୍ୟଧାରା ପ୍ରସଙ୍ଗର ଆଲୋଚନା କାଳରେ ଉଭୟ ସାମ୍ୟ ଓ ସାଦୃଶ୍ୟ ଲକ୍ଷ୍ୟ କରାଯାଇପାରେ।

ଓଡ଼ିଆ ସାହିତ୍ୟର ଆଲୋଚନା କାଳରେ ହୁଏତ ଗୋପବନ୍ଧୁଙ୍କ କବିତ୍ୱ କେତେଜଣ ଆଲୋଚକଙ୍କୁ ସାମାନ୍ୟ ମ୍ଳାନ ହୋଇଥାଇପାରେ, ହୁଏତ ସତ୍ୟବାଦୀ ଏକ ଯୁଗ ନା ଯୁଗର କାଳଖଣ୍ଡର ଏକ ଆଭିମୁଖ୍ୟ ଧାରଣ କରି ଅପସରି ଯାଇଥିବା ଏକ ଆଭାସ- ଏହା ମଧ୍ୟ ବିତର୍କର କାଠଗଡ଼ାରେ ଠିଆ ହୋଇଥାଇପାରେ, ହୁଏତ କେବଳମାତ୍ର ଆଦର୍ଶବୋଧର ସ୍ଥାପନ ଆଳରେ ଏ କାଳ ଖଣ୍ଡର କବିମାନେ ସାଧାରଣ ଜୀବନବୋଧଠାରୁ ଦୂରେଇ ଯାଇଛନ୍ତି ବୋଲି କେହିକେହି ପ୍ରଶ୍ନ ଉଠାଉଥାଇପାରେ, ମାତ୍ର ସ୍ୱୀକାରିବାକୁ ହେବ ଏ କାଳଖଣ୍ଡ ହେଉଛି ଜାତୀୟତା ଭିତ୍ତିକ ମୂଲ୍ୟବୋଧର ଆରମ୍ଭ ତଥା ଗୌରବମୟ ଐତିହ୍ୟ ଓ ପରମ୍ପରାର ପୁନରୁଦ୍ଧାର ନିମିତ୍ତ ପ୍ରୟାସ ଜନିତ ଓଁକାରଧ୍ୱନିର ସମୟ। ଜାତୀୟତାବୋଧର ସଂସ୍ଥାପନା ହିଁ ଏହି ସାହିତ୍ୟିକ ଆଦର୍ଶର ମୂଳଭିତ୍ତି। ଏକ ଦିଗରେ ବ୍ରିଟିଶ୍ ଶାସନାଧୀନ ସରକାରଙ୍କ ହାତରୁ ଭାରତର ଶାସନକ୍ଷମତା ମୁକୁଳାଇ ଆଣିବାର ପ୍ରଚେଷ୍ଟା ଏବଂ ଅନ୍ୟଦିଗରେ ଖ୍ରୀଷ୍ଟିଆନ୍ ଧର୍ମର ପ୍ରଚାରଧର୍ମୀ ଆଭିମୁଖ୍ୟ କବଳରୁ ହିନ୍ଦୁଧର୍ମର ସନାତନତ୍ୱକୁ ରକ୍ଷା କରିବାର ଉଦ୍ୟମ


© 2025 ଜ୍ଞାନୀଦେବାଶିଷ ମିଶ୍ର. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ଗୋପବନ୍ଧୁଙ୍କ ସାହିତ୍ୟିକ ଚିନ୍ତନକୁ ପ୍ରଭାବିତ କରିଛି। ସେଇଥିପାଇଁ ତ ସ୍ୱାର୍ଥସାଧନ ଅପେକ୍ଷା  ବିଶ୍ୱର ହିତ ସାଧନ ପାଇଁ ହିନ୍ଦୁର ଜନ୍ମ ବୋଲି କୁହନ୍ତି କବି। ଗାଣତାନ୍ତ୍ରିକ ଉପାୟରେ ସଂଗ୍ରାମର ବହ୍ନିକୁ ପ୍ରଜ୍ଜ୍ୱଳିତ କରି ରଖିବା ପାଇଁ ସତତ ଚେଷ୍ଟିତ ଏହି କବି ଆତ୍ମାର ଅନୁରାଗ ମିଶ୍ରିତ କାବ୍ୟସ୍ୱର ସଂଖ୍ୟା ଦୃଷ୍ଟିରୁ ସ୍ୱଳ୍ପ ହେଲେ ମଧ୍ୟ ଆବେଗମୟ ପରିସର ଭିତରେ ଏକ ତୀବ୍ର ଜ୍ୱଳନର ଦୀପଶିଖା ସଦୃଶ।

**ଉପସଂହାର:**

ଏହା ନିଃସନ୍ଦେହରେ କୁହାଯାଇପାରେ ଯେ, ଗୋପବନ୍ଧୁଙ୍କ ସୃଷ୍ଟି ଜଗତରେ 'ନଚିକେତା' ଓ 'ଧର୍ମପଦ' କେବଳ ଦୁଇଟି ପୌରାଣିକ କିମ୍ବା କିମ୍ବଦନ୍ତୀମୂଳକ ଚରିତ୍ର ନୁହଁନ୍ତି; ବରଂ ସେମାନେ ହେଉଛନ୍ତି ପରାଧୀନ ଭାରତବର୍ଷରେ ମୁକ୍ତି ସଂଗ୍ରାମ ତଥା ନୈତିକ ଜାଗରଣ ପାଇଁ ଉଦ୍ଦିଷ୍ଟ ଜୀବନ୍ତ ଅଗ୍ନିସ୍ଫୁଲିଙ୍ଗ। ବ୍ୟକ୍ତିଗତ ଜୀବନର ଅସୁମାରି ଦୁଃଖ ଓ ଯନ୍ତ୍ରଣାକୁ ପଛରେ ପକାଇ ଗୋପବନ୍ଧୁ ଯେଉଁ ଉନ୍ନତ ଜାତୀୟ ଚରିତ୍ର ଗଠନର ସ୍ୱପ୍ନ ଦେଖିଥିଲେ, ତାହା ଏହି କୃତିଗୁଡ଼ିକ ମାଧ୍ୟମରେ ଯଥାର୍ଥ ରୂପାୟନ ଲାଭ କରିଛି। ସତ୍ୟବାଦୀ ସାହିତ୍ୟର ଆଦର୍ଶଗତ ଦିଗକୁ ଏହି ଦୁଇଟି କୃତି ଯେଭଳି ଭାବରେ ପ୍ରତିନିଧିତ୍ୱ କରନ୍ତି, ତାହା ଓଡ଼ିଆ ସାହିତ୍ୟର ଇତିହାସରେ ସର୍ବଦା ଏକ ଅମ୍ଳାନ ଐତିହ୍ୟ ହୋଇ ରହିବ ଏବଂ ଆଗାମୀ ପିଢ଼ି ପାଇଁ ଏକ ଦିଗବାରେଣି ସାଜିବ।

**ପ୍ରାନ୍ତଟୀକା**


1. ସାମନ୍ତରାୟ ନଟବର। *କବି ଗୋପବନ୍ଧୁଙ୍କ କାବ୍ୟସୃଷ୍ଟି ମାନସ ଏକ ସର୍ବେକ୍ଷଣ*। କଟକ: ଫ୍ରେଣ୍ଡ୍ସ ପବ୍ଲିଶର୍ସ; ୧୯୯୯। ପୃ.୧୫୨।
2. ୨. ଶତପଥୀ ପ୍ରତିଭା। *କହ୍ଲନାର ଅଭିଷେକ*। କଟକ: ଓଡ଼ିଶା ବୁକ୍ ଷ୍ଟୋର; ୧୯୯୯। ପୃ.୯୯।
3. ୩. ନାୟକ ଅର୍ଚ୍ଚନା। *ପଣ୍ଡିତ ଗୋପବନ୍ଧୁ ଦାସ*। ଭୁବନେଶ୍ୱର: ଓଡ଼ିଶା ସାହିତ୍ୟ ଏକାଡେମୀ; ୧୯୯୫। ପୃ.୫୩।
4. ୪. ଦାସ ସୁଲୋଚନା। *ଓଡ଼ିଆ ସାହିତ୍ୟରେ ରାଜନୈତିକ ଚେତନା*। ଦ୍ୱିତୀୟଭାଗ। କଟକ: ଆର୍ଯ୍ୟ ପ୍ରକାଶନ; ପୃ.୩୭୪।
5. ୫. ଦାସ ଗୋପବନ୍ଧୁ। *ଧର୍ମପଦ*। କଟକ: ଗୋପବନ୍ଧୁ ସାହିତ୍ୟ ମନ୍ଦିର; ୧୯୫୪। ଭୂମିକା, ପୃ.୧।
6. ୬. ଶତପଥି ନିତ୍ୟାନନ୍ଦ, ସମ୍ପାଦକ। *ଗୋପବନ୍ଧୁ ପରିକ୍ରମା*। "ଜାତିପ୍ରାଣ ଗୋପବନ୍ଧୁ"– ମନୋଜ ଦାସ। କଟକ: ପୂଜ୍ୟପୂଜା ସଂସଦ; ୧୯୭୬-୭୭। ପୃ.୧୦୨।


**Creative Commons (CC) License**

This article is an open-access article distributed under the terms and conditions of the Creative Commons Attribution (CC BY 4.0) license. This license permits unrestricted use, distribution, and reproduction in any medium, provided the original author and source are credited.



© 2025 ଜ୍ଞାନୀଦେବାଶିଷ ମିଶ୍ର. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/